CW
15.11.21



# ବିଶ୍ୱ ବିଜୟୀ ବିବେକାନନ୍ଦ

## ଅଭ୍ୟାସ

୧। ଉତ୍ତର ଲେଖ ।

(କ) ବିଲେ କଦଳୀ ବାଡ଼ିରେ ବସିବାର କାରଣ କ'ଣ?

ଉ- ବିଲେ ମାଆଙ୍କ ପାଖରୁ ରାମାୟଣ କାହାଣୀରୁ ଶୁଣିଥିଲେ ଯେ ହନୁମାନ କଦଳୀ ଖାଇବାକୁ ଭଲ ପାଆନ୍ତି। ହନୁମାନ ବାଡ଼ିରେ କଦଳୀ ଖାଇବାକୁ ଆସିବେ ବୋଲି ବିଲେ କଦଳୀ ବାଡ଼ିରେ ତାଙ୍କ ଅପେକ୍ଷାରେ ବସିଥିଲା ।

(ଖ) ବିଲେଙ୍କ ଏପରି ନାଁ କାହିଁକି ଦିଆଯାଇଥିଲା ?

ଉ- ବିଲେଙ୍କର ମାଆ ଭୁବନେଶ୍ୱରୀ କାଶୀର ବୀରେଶ୍ୱର ମହାଦେବଙ୍କ ପୂଜାକରି ପୁତ୍ର ପାଇଥିବାରୁ ତାଙ୍କ ନାଁ 'ବିଲେ' ଦିଆଯାଇଥିଲା ।

(ଗ) ରାମକୃଷ୍ଣ ନରେନ୍ଦ୍ରଙ୍କ କ'ଣ ବୁଝାଇ ଦେଇଥିଲେ ?

ଉ- ରାମକୃଷ୍ଣ ନରେନ୍ଦ୍ରଙ୍କୁ ବୁଝାଇ ଦେଇଥିଲେ ଯେ, ପୃଥିବୀର ସବୁଧର୍ମ ସମାନ। ମାନବର ସେବା ହିଁ ଭଗବାନଙ୍କର ପ୍ରକୃତ ପୂଜା।

(ଘ) ନରେନ୍ ନିଜ ପରିବାରର ଦାରିଦ୍ର୍ୟ କିପରି ଯତ୍ନଶୀଳ ଥିଲେ?

ଉ- ନରେନ ଶିକ୍ଷକତା କରି ନିଜ ପରିବାରର ଦାରିଦ୍ର୍ୟ ଯତ୍ନଶୀଳ ଥିଲେ। କିନ୍ତୁ ସବୁବେଳେ ଅଭାବ ଅସୁବିଧା ଲାଗି ରହିଗଲା ।

(ଙ) ନରେନ୍ ନିଜ ଜୀବନର ଲକ୍ଷ୍ୟକୁ କିପରି ଗ୍ରହଣ କଲେ?

ଉ- ଶ୍ରୀରାମକୃଷ୍ଣଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେବାକୁ ହିଁ ନରେନ୍ ନିଜ ଜୀବନର ଲକ୍ଷ୍ୟ ଭାବରେ ଗ୍ରହଣ କଲେ।

୭। ଉତ୍ତର ଲେଖ।

(କ) ବିଶ୍ୱ ଧର୍ମସଭା ଆମେରିକାର କେଉଁ ସ୍ଥାନରେ ହୋଇଥିଲା?

ଉ- ଆମେରିକାର ଚିକାଗୋ ସହରରେ ବିଶ୍ୱ ଧର୍ମସଭା ହୋଇଥିଲା।

(ଖ) ବିବେକାନନ୍ଦ ଶ୍ରୋତାମାନଙ୍କୁ କିପରି ମନ୍ତ୍ରମୁଗ୍ଧ କଲେ?

ଉ- ବିବେକାନନ୍ଦ ସର୍ବପ୍ରଥମେ ~~ଧର୍ମ ଓ ଦର୍ଶନ, ହିନ୍ଦୁଧର୍ମର ବିଶେଷତ୍ୱର~~ ଶ୍ରୋତାମାନଙ୍କୁ 'ଭାଇ ଓ ଭଉଣୀ' ବୋଲି ସମ୍ବୋଧନ କଲେ। ତାପରେ ଭାରତୀୟ ଧର୍ମ ଓ ଦର୍ଶନ, ହିନ୍ଦୁଧର୍ମର ବିଶେଷତ୍ୱର ବାଣୀ ଅତ୍ୟନ୍ତ ଚମତ୍କାର ଭାବରେ ବୁଝାଇ ଦେଇ ବିବେକାନନ୍ଦ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଲେ।

(ଗ) ପଶ୍ଚିମବାସୀମାନେ ~~ତାଙ୍କୁ~~ ତାହାଙ୍କୁ ମାନବିକତାର ଅଳଙ୍କାର ବୋଲି କାହିଁକି କହିଥିଲେ?

ଉ- ବିବେକାନନ୍ଦ ଭାରତୀୟ ଧର୍ମ ଓ ଦର୍ଶନ, ହିନ୍ଦୁଧର୍ମର ବିଶେଷତ୍ୱ, ବିଶ୍ୱଭ୍ରାତୃତ୍ୱର ବାଣୀ ବିଶ୍ୱ ଧର୍ମସଭାରେ ଚମତ୍କାର ଭାବେ ବୁଝାଇ ଦେଇଥିଲେ। ସବୁ ମଣିଷ ଈଶ୍ୱରଙ୍କ ସନ୍ତାନ, ସମସ୍ତେ ଭାଇ ଭାଇ, ମାନବର ସେବାହିଁ ~~ଈଶ୍ୱରଙ୍କର~~ ଈଶ୍ୱରଙ୍କର ସେବା - ଏହା ସେ ବୁଝାଇଦେଲେ। ଏଭଳି କଥା ଶୁଣି ପଶ୍ଚିମବାସୀମାନେ ତାଙ୍କୁ ମାନବିକତାର ଅଳଙ୍କାର ବୋଲି କହିଥିଲେ।

(ଘ) 'ରାମକୃଷ୍ଣ ମିଶନ' ଅନୁଷ୍ଠାନଟି କି କି ଲୋକହିତକର କାର୍ଯ୍ୟ କରୁଛି?

ଉ- ୧୮୯୭ ମସିହାରେ ବିବେକାନନ୍ଦ 'ରାମକୃଷ୍ଣ ମିଶନ' ନାମକ ସେବା ଅନୁଷ୍ଠାନଟି ଗଠନ କରିଥିଲେ। ଏହା ଅସ୍ପୃଶ୍ୟତା ନିବାରଣ, ନାରୀଶିକ୍ଷାର ପ୍ରସାର, ସାମ୍ପ୍ରଦାୟିକ ସଦ୍‌ଭାବ ରକ୍ଷା ଓ ଦରିଦ୍ରମାନଙ୍କ ସେବା କାର୍ଯ୍ୟ କରୁଛି।

(ଝ) ବିବେକାନନ୍ଦ ସାରା ଦେଶରେ କେଉଁ ବାର୍ତ୍ତା ପ୍ରଚାର କରିଥିଲେ?
ଉ- ଆଧ୍ୟାତ୍ମିକତା ଜାଗରଣ, ଜାତୀୟତାର ପ୍ରସାର ସମ୍ପ୍ରଦାୟଙ୍କର ଐକ୍ୟ ଓ ସାମ୍ପ୍ରଦାୟିକ ସଦ୍ଭାବ ରକ୍ଷା ଆଦିର ବାର୍ତ୍ତା ବିବେକାନନ୍ଦ ସାରା ଦେଶରେ ପ୍ରଚାର କରିଥିଲେ ।

ଖ। ସରଳ ଭାଷାରେ ବୁଝାଇ ଲେଖ ।
(କ) ମାନବର ସେବା ହିଁ ସେହି ଭଗବାନଙ୍କର ପ୍ରକୃତ ପୂଜା ।
ଉ- ମାନବର ସେବା ........ ପ୍ରକୃତ ପୂଜା ।
ଉକ୍ତ ଗଦ୍ୟାଂଶଟି ଆମର ~~ପାଠ୍ୟପୁସ୍ତକ~~ ସାହିତ୍ୟ ସୋପାନ ଶ୍ରୀ ଚନ୍ଦ୍ର ମିଶ୍ରଙ୍କ ରଚିତ 'ବିଶ୍ୱବିଜୟୀ ବିବେକାନନ୍ଦ' ପ୍ରବନ୍ଧରୁ ଆସିଅଛି । ଏଠାରେ ଲେଖକ, ମାନବର ସେବା ହିଁ ପ୍ରକୃତ ଭଗବାନଙ୍କର ପୂଜା - ସ୍ୱାମୀଜୀଙ୍କ ଦର୍ଶନର ଏହି ତତ୍ତ୍ୱକୁ ପ୍ରମାଣିତ କରିଅଛନ୍ତି ।
ବିବେକାନନ୍ଦ ଜଣେ ପ୍ରତିଭାବାନ ଛାତ୍ର ଥିଲେ । ପାଠ୍ୟପୁସ୍ତକ ବ୍ୟତୀତ ଅନ୍ୟାନ୍ୟ ବହୁ ପୁସ୍ତକ ସେ ପଢିଥିଲେ । ବିଷୟ ପଢ଼ିବା ସହିତ ବିଭିନ୍ନ ବିଷୟରେ ତାଙ୍କ ମନରେ ଅନେକ ପ୍ରଶ୍ନ ଜାତ ହେଲା । ଶ୍ରୀରାମକୃଷ୍ଣଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା । ସେ ତାଙ୍କ ମନରେ ଜାତ ହୋଇଥିବା ସମସ୍ତ ପ୍ରଶ୍ନର ସମାଧାନ କରିଦେଲେ । 'ଜୀବ ସେବାରେ ଶିବ ପୂଜା' ସମାନ ଏବଂ ମାନବର ସେବା ହିଁ ଭଗବାନଙ୍କର ପ୍ରକୃତ ପୂଜା ବୋଲି ସେ ବୁଝାଇ ଦେଇଥିଲେ । ପରବର୍ତ୍ତୀ ଜୀବନରେ ~~ସମାନ ଏବଂ ମାନବର~~ ଶ୍ରୀରାମକୃଷ୍ଣଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଜନସେବାକୁ ହିଁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ଶିକାଗୋଠାରେ ଅନୁଷ୍ଠିତ ବିଶ୍ୱ ଧର୍ମ ସଭାରେ ମଧ୍ୟ ମାନବ ସେବା ହିଁ ଈଶ୍ୱରଙ୍କ ସେବା ବୋଲି ବୁଝାଇ ଦେଇଥିଲେ ଯେଉଁଥିରେ ସେ ଉପସ୍ଥିତ ପ୍ରତିନିଧିମାନଙ୍କର ପ୍ରଶଂସାଭାଜନ ହୋଇଥିଲେ

ଏହି ଲକ୍ଷ୍ୟ ପୂରଣ ପାଇଁ ସେ ୧୮୯୭ ମସିହାରେ 'ରାମକୃଷ୍ଣ ମିଶନ' ~~[illegible]~~ ନାମକ ଏକ ସେବା ଅନୁଷ୍ଠାନ ସ୍ଥାପନ କରିଥିଲେ। ଏହି ଅନୁଷ୍ଠାନଟି ସେବାକୁ ମୁଖ୍ୟ ଲକ୍ଷ୍ୟ ଭାବରେ ଗ୍ରହଣ କରିଆସିଛି।

ବାସ୍ତବରେ ଲେଖକଙ୍କର ଏହି ଉକ୍ତି ଯଥାର୍ଥ ଅଟେ।

(୧୪) ହେ ପ୍ରେମିକମାନେ ମାନବ ଜାତିର ଆମେରିକାର ଯୁବତୀ।

ଉ- ହେ ପ୍ରେମିକମାନେ ...... ଆମେରିକାର ଯୁବତୀ।

ଉକ୍ତ ଗଦ୍ୟାଂଶଟି ଉତ୍କଳର ଶ୍ରୀ ଚନ୍ଦ୍ରମୋହନ ମିଶ୍ରଙ୍କ ରଚିତ ~~[illegible]~~ "ବିଶ୍ୱବିଜୟୀ ବିବେକାନନ୍ଦ" ପ୍ରବନ୍ଧରୁ ଆସିଛି। ଏଠାରେ ଗାନ୍ଧୀୟ ପତ୍ରିକାମାନେ ବିବେକାନନ୍ଦଙ୍କୁ କିପରି ମାନବଜାତିର ଆମେରିକାର ଯୁବତୀ ବୋଲି ସମ୍ବୋଧନ କରିଥିଲେ ତାହା ଆଲୋଚିତ ହୋଇଛି।

୧୮୯୩ ମସିହା ~~ସେପ୍ଟେମ୍ବର~~ ସେପ୍ଟେମ୍ବର ୧୧ ତାରିଖରେ ଆମେରିକାର ଚିକାଗୋ ସହରରେ ବିଶ୍ୱ ଧର୍ମ ସଭାର ଆୟୋଜନ ହୋଇଥିଲା। ସେଥିରେ ଭାରତରୁ ଯାଇଥିବା ସନ୍ନ୍ୟାସୀ ବିବେକାନନ୍ଦଙ୍କୁ ଅଳ୍ପ ସମୟ କହିବା ପାଇଁ ସୁଯୋଗ ମିଳିଥିଲା। ସର୍ବପ୍ରଥମେ 'ଭାଇ ଓ ଭଉଣୀ' ବୋଲି ଉପସ୍ଥିତ ଶ୍ରୋତାଙ୍କୁ ସେ ସମ୍ବୋଧନ କଲେ। ପରେ ଭାରତୀୟ ଧର୍ମ ଓ ଦର୍ଶନ, ହିନ୍ଦୁଧର୍ମର ଚିରନ୍ତନ ତତ୍ତ୍ୱ ବିଶ୍ୱଭ୍ରାତୃତ୍ୱର ବାଣୀ ସମ୍ପର୍କରେ ସେ ଏପରି ଓଜସ୍ୱୀ ଭାଷାରେ ବୁଝାଇଲେ ଯେ, ଶ୍ରୋତାମାନେ ମନ୍ତ୍ରମୁଗ୍ଧ ହୋଇଗଲେ। ସବୁ ଧର୍ମର ପ୍ରତିନିଧିଙ୍କ ସମ୍ମାନ, ଆମେ ସମସ୍ତେ ଭାଇ ଭାଇ, ମାନବିକ ସେବା ହିଁ ଈଶ୍ୱରଙ୍କ ସେବା - ତାଙ୍କର ଏହିସବୁ କଥା ଶୁଣି ସେଠାରେ ଉପସ୍ଥିତ ଥିବା ପତ୍ରିକାମାନେ କହିଲେ, "ହେ ପ୍ରେମିକମାନେ

ମାନବ ଜାତିର ମଙ୍ଗଳର ପ୍ରତୀକ" । କାରଣ ଏହା ଧର୍ମ ଓ ଅନ୍ୟ ଯାବ ଧର୍ମର ଶ୍ରେଷ୍ଠ ଗୁଣିକି ପ୍ରମାଣ ଭାବରେ ଦେଇଥିଲେ, ଯେଉଁମାନେ ବିବେକାନନ୍ଦଙ୍କ ଧର୍ମ ଜାଣି ନ ଥିଲେ, ସେମାନେ ଏହି ସାରଗର୍ଭକ ବକ୍ତୃତା ଗାନ ପଦ୍ଧତିମାନଙ୍କୁ ଦେଖି ମୁଗ୍ଧ ହୋଇଥିଲେ ।

ବାସ୍ତବରେ ବିବେକାନନ୍ଦଙ୍କର ଏହି ଉକ୍ତିଟି ଯଥାର୍ଥ ଅଟେ ।

୪। "ହିନ୍ଦୁମାନେ ଆମର । ହିନ୍ଦୁମାନେ କହନ୍ତି ମୋ ଭାରତବାସୀଙ୍କୁ, ଯୋଗ୍ୟ ହୋଇଥାନ୍ତି । ଏଥିରେ ପ୍ରଥମ ବାକ୍ୟରେ ହିନ୍ଦୁମାନେ ପଦଟିରେ 'ଏ' ବିଭକ୍ତି ଲାଗିଛି ଓ ବାକ୍ୟରେ ହିନ୍ଦୁମାନଙ୍କୁ ଏହି ଲାଗିଛି । ଏହି 'ଏ' ବିଭକ୍ତି ଏକ ସର୍ବନାମ ସର୍ବନାମ ପଦ । ନିମ୍ନରେ ଥିବା ବାକ୍ୟଗୁଡ଼ିକ ଯିଏ ସ୍ଥାନରେ ଉପଯୁକ୍ତ ସର୍ବନାମ ବ୍ୟବହାର କରି ବାକ୍ୟଗୁଡ଼ିକୁ ସଜାଡ଼ି ଲେଖ ।

(କ) ନରେନ୍ଦ୍ର ଶାନ୍ତ ଭାବରେ ଥିଲେ ବିଚକ୍ଷଣ । ଆଜି ସାହିତ୍ୟରେ ପାଠଯୁକ୍ତ ନରେନ୍ଦ୍ର ପ୍ରତିଭାର ମନେ ରହି ଯାଏ ।

ଉ- ନରେନ୍ଦ୍ର ଶାନ୍ତ ଭାବରେ ଥିଲେ ବିଚକ୍ଷଣ । ଆଜି ସାହିତ୍ୟରେ ପାଠଯୁକ୍ତ ତାଙ୍କର ନାମ ରହିଯାଏ ।

(ଖ) ନରେନ୍ଦ୍ର ଶ୍ରୀରାମକୃଷ୍ଣଙ୍କ ସାକ୍ଷାତ କଲେ । ଶ୍ରୀରାମକୃଷ୍ଣ ନରେନ୍ଦ୍ରଙ୍କୁ ଶିଷ୍ୟ ଭାବରେ ଗ୍ରହଣ କଲେ ।

ଉ- ନରେନ୍ଦ୍ର ଶ୍ରୀରାମକୃଷ୍ଣଙ୍କ ସାକ୍ଷାତ କଲେ । ଶ୍ରୀରାମକୃଷ୍ଣ ~~ନରେ~~ ତାଙ୍କୁ ଶିଷ୍ୟ ଭାବରେ ଗ୍ରହଣ କଲେ ।

୪. ନିମ୍ନରେ ପ୍ରଦତ୍ତ ବାକ୍ୟ ଦିଆଯାଇଛି । ସେଥିରେ ଥିବା ସ୍ୱର ବର୍ଣ୍ଣ, ବ୍ୟଞ୍ଜନ ବର୍ଣ୍ଣ ଓ ଯୁକ୍ତ ବର୍ଣ୍ଣଗୁଡ଼ିକ ବାଛି ଲେଖ ।

ଉ- ସେ ଗ୍ରାମବାସୀଙ୍କୁ ମିଳାମିଶା ଭାବରେ ରହିବା ପାଇଁ ଅନୁରୋଧ କରିଥିଲେ । ଏଥିରେ ସେହି ଅନୁଷ୍ଠାନର ପରିଚାଳନା ଭାର ସେହି ଦିନଠାରୁ ଆଗ୍ରହର ସହ ଗ୍ରହଣ କରିଥିଲେ ।

ଉ-

| ସ୍ୱର ବର୍ଣ୍ଣ | ବ୍ୟଞ୍ଜନ ବର୍ଣ୍ଣ | ଯୁକ୍ତ ବର୍ଣ୍ଣ |
| --- | --- | --- |
| ଏ, ଅ, ଇ, ଉ, ଆ | ସ, ର, ମ, ଗ, ନ, ଭ, ବ, ପ, ଠ, ଲ, ଥ, ଡ, ଦ, ହ, ଶ, ଯ, ଜ, ଳ | ଙ୍କ, ଷ୍ଠ, ଗ୍ର, ସ୍ତ, ଗ୍ର |

୫. ନିମ୍ନରେ ଗୋଟିଏ ଅନୁଚ୍ଛେଦଟି ଦିଆଯାଇଛି, ସେଥିରେ ବିରାମ ଚିହ୍ନ ଦିଆଯାଇ ନାହିଁ । ଠିକ୍ ସ୍ଥାନରେ ଠିକ୍ ଚିହ୍ନଟିକୁ ବସାଇ ଲେଖ ।
ତାହାରି ମଧ୍ୟରେ ସେ ଶୁଣିପାରିଲେ ଯଜ୍ଞେଶ୍ୱର ବୋଉଙ୍କ ସ୍ୱର କହୁଛନ୍ତି ଯା ଲକ୍ଷ୍ମୀଆ ଏ ଯଜ୍ଞ ପ୍ରଭୁ ଦୂରଦେଶରେ ଥାଇ ଭାତରେ ଭାଗ ବସାଉଛି ।

ଉ- ତାହାରି ମଧ୍ୟରେ ସେ ଶୁଣିପାରିଲେ ଯଜ୍ଞେଶ୍ୱର ବୋଉଙ୍କ ସ୍ୱର କହୁଛନ୍ତି, "ଯା, ଲକ୍ଷ୍ମୀଆ ଏ ଯଜ୍ଞ ପ୍ରଭୁ । ଦୂରଦେଶରେ ଥାଇ ଭାତରେ ଭାଗ ବସାଉଛି ।"

୬. ଯେପରି 'ଡାକିବାକୁ ଡାକି', 'କହିବାକୁ କହି' ଆଦିର ବ୍ୟବହାର କରାଯାଏ, ସେହିପରି ନିମ୍ନ ଶବ୍ଦଗୁଡ଼ିକର ରୂପ କ'ଣ ହେବ ଲେଖ ।

| | | |
| --- | --- | --- |
| ଶୁଣିବା - ଶୁଣି | ନେବା - ନେଇ | ଖେଳିବା - ଖେଳି |
| ଡାକିବା - ଡାକି | ଦେବା - ଦେଇ | କରିବା - କରି |
| ବସିବା - ବସି | ଖାଇବା - ଖାଇ | ପଢିବା - ପଢି |

୮। 'ଦେଶ' ଶବ୍ଦର ପୂର୍ବରେ 'ଅନେକ' ଶବ୍ଦ ଯୋଡ଼ି ହୋଇ 'ଅନେକ ଦେଶ' ହୋଇଛି, ସେହିପରି 'ଅନେକ' ଶବ୍ଦ ଯୋଡ଼ି ଆଉ କେତୋଟି ନୂଆ ଶବ୍ଦ ଲେଖ।

ଉ- ଅନେକ ଦିନ, ଅନେକ ବର୍ଷ, ଅନେକ ମାସ, ଅନେକ ଘଣ୍ଟା, ଅନେକ ଲୋକ, ଅନେକ କାମ।

୯। 'ମାତ୍ର' ଶବ୍ଦ ବ୍ୟବହାର କରି ଆଉ ତିନୋଟି ବାକ୍ୟ ଲେଖ।

ଉ- ହରି ସ୍କୁଲକୁ ଗଲା; ମାତ୍ର ପଢ଼ିଲା ନାହିଁ।
ରାମୁ ମନ୍ଦିରକୁ ଗଲା; ମାତ୍ର ଠାକୁର ଦର୍ଶନ କଲା ନାହିଁ।
ହରି ପରୀକ୍ଷା ପାଇଁ ପରିଶ୍ରମ କଲା; ମାତ୍ର ପରୀକ୍ଷାରେ ସଫଳ ହେଲାନାହିଁ।

୧୦। ମୁଁ ପାଣି ନେବାପାଇଁ ପାଖରେ ଥିଲି। ଏହି ବାକ୍ୟରେ ପାଣି ଶବ୍ଦ
ସୂଚନା - ବାକ୍ୟ ଦୁଇଟିରେ ରେଖାଙ୍କିତ ଶବ୍ଦଟି ଦେଖିବାକୁ ସମାନ ଲାଗୁଛି, କିନ୍ତୁ ଅର୍ଥ ଅଲଗା। ସେହିପରି ଶବ୍ଦର ଅର୍ଥ ଲେଖ ଯେଉଁଥିରେ ବନାନ ଶବ୍ଦ ଗୋଟିଏ ଥିବ, ଅଥଚ ଭିନ୍ନ ଅର୍ଥ ~~ବୁଝାଉ~~ ବୁଝାଉଥିବ। ଆଉ କେତୋଟି ଶବ୍ଦ ବାକ୍ୟରେ ବ୍ୟବହାର କର।

ଉ- - କୁଳ - ଉଚ୍ଚକୁଳରେ ରାମ ଜନ୍ମ ହୋଇଥିଲେ।
କୂଳ - ମୁଁ ସମୁଦ୍ର କୂଳରେ ବୁଲୁଥିଲି।
ଏଠାରେ କୁଳ ଅର୍ଥ - ବଂଶ
କୂଳ ଅର୍ଥ - ତଟ

- ଗୁଣି - ଲୋକେ ଗୁଣି ଅଭ୍ୟାସ କରନ୍ତି।
ଗୁଣୀ - ଗୁଣୀ ଲୋକର ସମସ୍ତେ ଆଦର କରନ୍ତି।

ଏଠାରେ ଗୁଣି ଅର୍ଥ - ତନ୍ତ୍ରବିଦ୍ୟା
ଗୁଣୀ ଅର୍ଥ - ଗୁଣବାନ

- ଚୁଡ଼ା - ପିଲାଏ ଚୁଡ଼ା ଖାଉଛନ୍ତି ।
ଚୂଡ଼ା - ମନ୍ଦିର ଚୂଡ଼ାରେ ନେତ ଉଡୁଛି ।

ଏଠାରେ ଚୁଡ଼ା ଅର୍ଥ - ଖାଦ୍ୟ ବିଶେଷ
ଚୂଡ଼ା ଅର୍ଥ - ଅଗ୍ରଭାଗ

- ଚିର - ସେ ଚିରକାଳ ଧରି ରହିଗଲେ ଅଛନ୍ତି ।
ଚୀର - ଦରିଦ୍ର ଲୋକଟି ଚୀର ବସ୍ତ୍ର ପିନ୍ଧିଛି ।

ଏଠାରେ ଚିର ଅର୍ଥ - ଦୀର୍ଘକାଳ
ଚୀର ଅର୍ଥ - ଚିରା ।

୧୧. 'ଚିନ୍ତା' ଶବ୍ଦ ସହିତ 'ଶୀଳ' ଲଗାଇଲେ 'ଚିନ୍ତାଶୀଳ' ହେବ । ସେହିପରି ଆଉ ପାଞ୍ଚୋଟି ଶବ୍ଦ ସହିତ 'ଶୀଳ' ଲଗାଇ ନୂଆ ଶବ୍ଦ ଲେଖ ।
ଉ - [illegible]ଶୀଳ, ଦୟାଶୀଳ, ଦାନଶୀଳ, ଧର୍ମଶୀଳ, ମନନଶୀଳ ।

୧୨. ଉଦାହରଣକୁ ଲକ୍ଷ୍ୟ କରି ଶୂନ୍ୟସ୍ଥାନ ପୂରଣ କର ।
ଉଦାହରଣ - ମୁଁ ସାହିତ୍ୟ ପଢ଼ିଲି । ଆମେ ସାହିତ୍ୟ ପଢ଼ିଲୁ ।

(କ) ପିଲାଟି ଆନନ୍ଦିତ ହେଲା । ପିଲାମାନେ ଆନନ୍ଦିତ ହେଲେ ।
(ଖ) ମୁଁ କବିତା ଗାଉଥିଲି । ଆମେ କବିତା ଗାଉଥିଲୁ ।
(ଗ) ସେ ଦିଲ୍ଲୀ ଯିବ । ସେମାନେ ଦିଲ୍ଲୀ ଯିବେ